
ISSN: 2456-9194, Vol. VII, Issue. IV, March 2024

ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php



# ଗଣ୍ଡ ଜନଜାତିର ଜନଶ୍ରୁତି

ସନ୍ଥ ରାମ ମାଝୀ (ଗବେଷକ), ଡ. ରଶ୍ମିତା ତ୍ରିପାଠୀ (ସହାୟକ ପ୍ରଫେସର)

କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email: rasmita.tripathy@kiss.ac.in

***ସାରାଂଶ:*** *ମାନବ ସଭ୍ୟତାର ଉତ୍ପତ୍ତି, ବିକାଶ ଓ ବିନାଶ ସମ୍ପର୍କରେ ଲୋକ ମୁଖରେ ଭିନ୍ନ ଭିନ୍ନ ଜନଶ୍ରୁତି ଶୁଣିବାକୁ ମିଳିଥାଏ । ଯାହାର କି କୌଣସି ପ୍ରାମାଣିକ ତଥ୍ୟ ନାହିଁ । କିନ୍ତୁ ଲୋକମୁଖରେ ପ୍ରଚଳିତ ଏହି ଜନଶ୍ରୁତିକୁ ବିଶ୍ୱାସ ଓ ଗ୍ରହଣକରି ମାନବ ତା'ର ସାମାଜିକ ଜୀବନକୁ ହସ ଖୁସିରେ ବଞ୍ଚିବାକୁ ଚେଷ୍ଟା କରିଥାଏ । ସଂଘର୍ଷ ପୂର୍ଣ୍ଣଜୀବନ ଯନ୍ତ୍ରଣାର କଣ୍ଟକ ପଥରେ ପେଶି ହେଉଥିବା ମନୁଷ୍ୟ ଯନ୍ତ୍ରଣା ଭିତରେ ଅଗାଧ  ସମୁଦ୍ରରୁ ମୁକ୍ତା ସାଉଁଟିଲାପରି ସୁଖ ଖୋଜି  ଆନ୍ଦନ ଅନୁଭବ କରେ । ଆଉ ଏହି ଆନନ୍ଦକୁ ଦ୍ୱିଗୁଣିତ କରିଥାଏ ପରମ୍ପରା  କ୍ରମେ ଲୋକମୁଖରେ ମୁଖରୁ ମୁଖକୁ ଗତି କରିଆସୁଥିବା କଥା ବା କାହାଣୀ । ଗୋଟିଏ ଜନଜାତି ବା ସମ୍ପ୍ରଦାୟର ମୌଖିକ ଇତିହାସ ହେଉଛି ଜନଶ୍ରୁତି । ଗୋଟିଏ ସମ୍ପ୍ରଦାୟର ଜନ୍ମ, ମୃତ୍ୟୁ, ବିକାଶକ୍ରମ ଓ ଉତ୍ଥାନ ପତନ ଆଦି ସମ୍ପର୍କରେ ସୂଚନା ମିଳିଥାଏ । ଏତଦ୍ ବ୍ୟତୀତ ସାମାଜିକ ଜୀବନର ଚାଲି ଚଳଣି, ଧର୍ମ ବିଶ୍ୱାସ ସମ୍ପର୍କରେ ପରବର୍ତ୍ତୀ ପିଢ଼ିକୁ ଅବଗତ କରିଥାଏ । ପୃଥିବୀରେ ବାସ କରୁଥିବା ପ୍ରତ୍ୟେକ ସମ୍ପ୍ରଦାୟର କିଛି ନା କିଛି ଜନଶ୍ରୁତି ଅଛି । ତନ୍ମଧ୍ୟରୁ ଏହି ଗବେଷଣା ପ୍ରବନ୍ଧରେ ଓଡ଼ିଶାରେ ବାସ କରୁଥିବା କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର ଇତ୍ୟାଦି ଜିଲ୍ଲା ମାନଙ୍କର ଗଣ୍ଡ ଜନଜାତିର ଜନଶ୍ରୁତି କୁ ଉକ୍ତ ପ୍ରବନ୍ଧରେ ଆଲୋଚନା କରାଯାଇଛି। ଗଣ୍ଡ ଜନଜାତିର ଉତ୍ପତ୍ତି, ଗଣ୍ଡ ଶବ୍ଦର ଅର୍ଥ ଏବଂ ସାମାଜିକ ଜୀବନରେ ଲୋକ ମୁଖରେ ଗତି କରି ଆସିଥିବା ଲୋକ କାହାଣୀ ଆଦି କୁ ନେଇ ଲୋକ ମୁଖରେ ପ୍ରଚଳିତ ଥିବା ଲୋକୋକ୍ତିକୁ ସଂଗ୍ରହ କରି ଏହି ଗବେଷଣା ପ୍ରବନ୍ଧରେ ଆଲୋଚନା କରାଯାଇଛି ।*

***ମୁଖ୍ୟ ଶବ୍ଦ:*** *ଗୋଣ୍ଡୁକି, ଜନଶ୍ରୁତି, ବୁଢାଦେଓ, ବୁଢୀ ସୁଆଣି, ବଡ଼ରେନ୍, ଭାଲା, ବାଗେଲ, ଚନ୍ଦେଲ ।*

## ଉପକ୍ରମ

ପୃଥିବୀ ପୃଷ୍ଠରେ ବସବାସ କରୁଥିବା ପ୍ରତ୍ୟକା ଜାତି ବା ସମ୍ପ୍ରଦାୟର କିଛି ନା କିଛି ଜନଶ୍ରୁତି ପ୍ରଚଳିତ । ମନୁଷ୍ୟ ଯେତେ ଉଚ୍ଚ ଶିକ୍ଷିତ ଓ ଉନ୍ନତ କଲେ ମଧ୍ୟ ଏହି ଜନଶ୍ରୁତିକୁ କେବେ ଅସ୍ୱୀକାର କରେନାହିଁ । କାହିଁକି ନା ଗୋଟିଏ ଜାତିର ଅତୀତ ଇତିହାସକୁ ଜାଣିବାପାଇଁ ହେଲେ ଏହି ଜନଶ୍ରୁତିଗୁଡ଼ିକୁ ପ୍ରଥମେ ଆଲୋଚନା ପରିସରକୁ ଅଣାଯାଇଥାଏ । ସେହିପରି ଭାବେ ଗୋଟିଏ ଦେଶ ବା ଜାତିର ଆତ୍ମାର ପ୍ରତିଫଳନ ଏହି ଜନଶ୍ରୁତି ଭିତରେ ହିଁ ନିହିତଥାଏ । ଅନୁରୂପ ଗୋଟିଏ ଜାତି ବା ସମ୍ପ୍ରଦାୟର ଧର୍ମ ବିଶ୍ୱାସ, ଐତିହାସିକ ବିବରଣୀ ଓ ସାମାଜିକ ଜୀବନର ଉତ୍ଥାନ ପତନ ଏହି ଜନଶ୍ରୁତି ଦ୍ୱାରା ହିଁ ଜାଣିବାକୁ ମିଳିଥାଏ । ପିଢ଼ି ପରେ ପିଢ଼ି ଦେଇ ଲୋକମୁଖରେ ପ୍ରଚଳିତ ହୋଇ ଆସୁଥିବା ଜନଶ୍ରୁତିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ; ଯଥା - ପୁରାବୃତ୍ତ (Myth), କିମ୍ବଦନ୍ତୀ(Legend), ଲୋକ କଥା(story) ଇତ୍ୟାଦି । ଧର୍ମୀୟ ଲୋକ ବିଶ୍ୱାସକୁ ମିଥ୍ କୁହାଯାଉଥିବା ବେଳେ ଲୋକମୁଖରେ ପ୍ରଚଳିତ ଐତିହାସିକ ଘଟଣା, ପାତ୍ରପାତ୍ରୀଙ୍କ ବିବରଣୀ ଆଦିକୁ କିମ୍ବଦନ୍ତୀ କୁହାଯାଏ । ସେହିପରି ତୁଣ୍ଡରୁ ତୁଣ୍ଡକୁ ଗତି କରି ଆସୁଥିବା ମନୋରଞ୍ଜନ ଧର୍ମୀ ଓ ହିତୋପଦେଶ କଥାକୁ ଲୋକ କଥା କୁହାଯାଏ । ମିଥ୍‌ରେ ବିଭିନ୍ନ ଦେବଦେବୀ, ଧର୍ମୀୟ ରୀତିନୀତି, ପ୍ରଥା ପରମ୍ପରା ଓ ସୃଷ୍ଟି ରହସ୍ୟ ଏବଂ ଦେବଦେବୀଙ୍କ ମହିମା ତଥା ଅଲୌକିକତା ଉପରେ ଗୁରୁତ୍ୱାରୋପ କରିଥାଏ । ଠିକ୍ ସେହିପରି ଐତିହାସିକ ଘଟଣାବଳୀର ବିବରଣୀ, ଦେବତା ଅଲୌକିକ ଘଟଣାବଳୀ ଯାହାକି ଲୋକମୁଖରେ ପ୍ରଚଳିତ ବିଷୟକୁ କିମ୍ବଦନ୍ତୀ ଏବଂ ଆମୋଦ ପ୍ରମୋଦ ଓ ଉପଦେଶ ଜନିତ ପ୍ରସଙ୍ଗକୁ କାହାଣୀ ପ୍ରକାଶ କରିଥାଏ ।

## ଗଣ୍ଡ ଜନଜାତି

ଭାରତ ବର୍ଷରେ ବିଭିନ୍ନ ରାଜ୍ୟ ମାନଙ୍କ ମଧ୍ୟରୁ ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ବଣପାହାଡ ଘେରା ଅପରୂପ ପ୍ରାକୃତିକ ସୁଷମା ମଣ୍ଡିତ ଓଡ଼ିଶା ଭୂଇଁରେ କାହିଁ କେଉଁ କାଳରୁ ୬୨ ପ୍ରକାର ଆଦିବାସୀ ବାସ କରିଆସୁଛନ୍ତି । ସାଂସ୍କୃତିକ, ଧାର୍ମିକ ଓ ଭାଷା ସାହିତ୍ୟ ଦୃଷ୍ଟିରୁ ପରସ୍ପରଠାରୁ ଭିନ୍ନ ହେଲେ ମଧ୍ୟ ସେମାନଙ୍କ ସାମାଜିକ ଜୀବନରେ ସାମ୍ୟ ପରିଲକ୍ଷିତ ହୋଇଥାଏ । ନିଜ ସ୍ୱତନ୍ତ୍ର କଳା, ସଂସ୍କୃତି ପରମ୍ପରାକୁ ନେଇ ଅସଂଖ୍ୟ ତରୁ ତୃଣ ଭରା ସବୁଜ ବନାନୀରେ ବାସ କରୁଥିବା ଏହି ବିବିଧ ଆଦିବାସୀ ସମୂହ ମଧ୍ୟରୁ ଏକ ପ୍ରମୁଖ ଜନଜାତି ହେଉଛନ୍ତି ଗଣ୍ଡ । କଳା, ଭାସ୍କର୍ଯ୍ୟ, ଐତିହ୍ୟରେ ପରିପୂର୍ଣ୍ଣ ନୈସର୍ଗିକ ସୁଷମା ବିମଣ୍ଡିତ ପରିବେଶରେ ବସତି ସ୍ଥାପନ କରୁଥିବା ଗଣ୍ଡ ଜନଜାତି ଓଡ଼ିଶାର ପ୍ରାୟ ୧୦/୧୧ ଟି ଜିଲ୍ଲାରେ ବାସ କରିଆସୁଛନ୍ତି । ଏହି ଗଣ୍ଡ ଜନଜାତିକୁ ନେଇ ଲୋକମୁଖରେ ଭିନ୍ନ ଭିନ୍ନ ଜନଶ୍ରୁତି ଶୁଣିବାକୁ ମିଳିଥାଏ । ସେଗୁଡ଼ିକୁ ଏଠାରେ ଆଲୋଚନା କରାଯାଇଛି ।

## ଗଣ୍ଡ ଜନଜାତିର ଉତ୍ପତ୍ତି

ଏକଦା ପରମ୍ ଶକ୍ତି ବୁଢା ଦେଓ ମହାଶୂନ୍ୟ ବ୍ରହ୍ମାଣ୍ଡରେ ବିଚରଣ କରିଥିଲେ । ଏହି ସଚରାଚର ଶୂନ୍ୟ ମେଦିନୀକୁ ଦେଖି ତାଙ୍କ ମନରେ ମଣିଷ ସୃଷ୍ଟି କରିବାପାଇଁ ମନରେ ଚିନ୍ତା କଲେ । ଏଥିପାଇଁ ଉଭୟ ନାରୀ ଓ ପୁରୁଷର ଆବଶ୍ୟକ ମନେ କଲେ ଓ ଶରୀରରେ ଏକପାର୍ଶ୍ୱକୁ ନାରୀ ଓ ଅନ୍ୟ ପାର୍ଶ୍ୱକୁ ପୁରୁଷ ରୂପ ଧାରଣ କଲେ ଏବଂ ନାରୀର ରଜ ଓ ପୁରୁଷର ଔରସରୁ ଗୋଟିଏ ପୁତ୍ର ଗୋଟିଏ କନ୍ୟା ସନ୍ତାନ ଜନ୍ମ କଲେ ଏବଂ ସେ ଦୁହିଁଙ୍କୁ ଏକ ଦ୍ୱିପର ଖୋଜିବାକୁ ନିର୍ଦ୍ଦେଶ ଦେଲେ । ଉଭୟ ଦ୍ୱିପର ଅନ୍ୱେଷଣ କଲେ । ଯାହାକୁ 'ଗୋଣ୍ଡୱାନା ଲ୍ୟାଣ୍ଡ' ବୋଲି କହନ୍ତି । ଅଧୁନା ଏହି ଗୋଣ୍ଡୱାନା ଲ୍ୟାଣ୍ଡ ମଧ୍ୟ ପ୍ରଦେଶରେ ଅବସ୍ଥିତ । ଏହି ଦ୍ୱିପ ଖୋଜି ପାଇଲେ ପରେ ସେ ଦୁହେଁ ପରମଶକ୍ତିଙ୍କୁ ଆବାହନ କଲେ । ସେଇ ପରମଶକ୍ତିଙ୍କ ନିର୍ଦ୍ଦେଶରେ ପ୍ରଥମ ନାରୀ ଓ ପୁରୁଷ ବିବାହ କରି ପ୍ରଥମେ ଆଠଟି ପୁତ୍ର ସନ୍ତାନ ଓ ପରେ କନ୍ୟା ସନ୍ତାନ ଜନ୍ମ କଲେ । ଏହି ସନ୍ତାନମାନଙ୍କୁ ଗଣ୍ଡ ଜନଜାତିର ଧର୍ମ ଗୁରୁ ପାହାନ୍ଦି ପାରି କୃପା ଲିଙ୍ଗୋ ଶିକ୍ଷା ଦିକ୍ଷା ପ୍ରଦାନ କଲେ ଓ ପରମଶକ୍ତି ବୁଢାଦେଓଙ୍କ ସେହି ସନ୍ତାନମାନଙ୍କ ବିବାହ କରି ଆଠ ସ୍ଥାନରେ ବସତି ସ୍ଥାପନ କରି ବଂଶ ବିସ୍ତାର କରିବାକୁ ନିର୍ଦ୍ଦେଶ ଦେଲେ । ସେହି ସନ୍ତାନମାନେ ଆଠଟି ଗଡରେ ବାସକରି ଅଷ୍ଟବର୍ଗ ନାମରେ ପରିଚିତ ହେଲେ। ନିମ୍ନରେ ସେହିମାନଙ୍କ ବର୍ଗ, ବଂଶ ଓ ଗଡ ସମ୍ପର୍କରେ ସୂଚନା ଦିଆଯାଇଛି:

| | ବର୍ଗ | ବଂଶ | ଗଡ଼ |
|---|---|---|---|
| ୧. | ମରକାମ | କଦମ୍ବ ବଂଶ | ଧନ୍ଦାଗଡ଼ |
| ୨. | ନେତାମ୍ | ଗଙ୍ଗ ବଂଶ | ଲାଞ୍ଜିଗଡ଼ |
| ୩. | ନେଟି | ଯଦୁ ବଂଶ | ଲୁହାଗଡ |
| ୪. | ପୋର୍ଟି | ସୋମ ବଂଶୀ | ବିରାଟଗଡ |
| ୫. | ଅଟିଁ | ନୀଳ ବଂଶ | ହୀରାଗଡ |
| ୬. | ଜଗତ | ସୂର୍ଯ୍ୟ ବଂଶୀ | ଚନ୍ଦାଗଡ |
| ୭. | ମରେହି | ଗାଗ୍ରମ ବଂଶ | ଗଡ଼ାମଣ୍ଡଳ |
| ୮. | ସୋରୀ | ବଘେଲ ବଂଶ | ପରୁଆଗଡ଼ |

ଏହିପରି ଭାବେ ଆଠ ଭାଇ ଆଠଟି ବର୍ଗ ଓ ବଂଶରେ ପରିଚିତ ହୋଇ ଆଠଟି ଗଡ଼ ବା ରାଜ୍ୟରେ ବସତି ସ୍ଥାପନ କରି ବଂଶ ବିସ୍ତାର କଲେ ବୋଲି ଜନ ଶ୍ରୁତି ଅଛି ।"(୧)

## ଗଣ୍ଡ ଜନଜାତିର ଉତ୍ପତ୍ତି ସମ୍ପର୍କରେ ଅନ୍ୟ ଏକ ଜନଶ୍ରୁତି

ସୃଷ୍ଟି ଆରମ୍ଭ କାଳର କଥା । ସମଗ୍ର ବ୍ରହ୍ମାଣ୍ଡ ଜଳମଗ୍ନ ଥିଲା । ଆଦିଦେବତା ଯାହାଙ୍କ ନାମ କୁଲି ତାରା ଦିନେ ଜୀବଜଗତ ସୃଷ୍ଟି କରିବାପାଇଁ ସ୍ଥିର କଲେ ଏବଂ ଅଖଣ୍ଡ ବ୍ରହ୍ମାଣ୍ଡ ସୃଷ୍ଟି କରି ଯୋଗନିଦ୍ରା ଗଲେ । କୁଲି ତାରା ବା ଆଦିଦେବଙ୍କ ଯୋଗ ନିଦ୍ରା ଦେଖି ଆଦିମାତା ଚିନ୍ତିତ ହେଲେ ଓ ତାଙ୍କ ଧ୍ୟାନ ଭଗ୍ନ ନିମିତ୍ତ ମାୟା ଭିଆଣିଲେ । ଆଦିଦେବଙ୍କ ଧ୍ୟାନ ଭଗ୍ନ ହେଲା । ଏହି ସମୟ ରେ ଆଦିମତା ନିଜକୁ ଅପୂର୍ବ ମୋହିନୀ ବେଶ ରେ ସୁସଜ୍ଜିତ କରିଥିଲେ । ଧ୍ୟାନ ଭଗ୍ନ ପରେ ଆଦିଦେବ ଚକ୍ଷୁ ଖୋଲି ସର୍ବ ପ୍ରଥମେ ଆଦିମାତାଙ୍କ ଏହି ଅପୂର୍ବ ରୂପ ଲାବଣ୍ୟ ଦର୍ଶନକରି ଆଦିଦେବ ମୋହିତ ହେଲେ ଏବଂ ଆଦି ମାତାଙ୍କ ସହ ରତି କ୍ରୀଡା ଆରମ୍ଭ କଲେ । ଫଳରେ ଆଦିଦେବ ଓ ଆଦି ମାତା ଙ୍କ ମିଳନ ରୁ ତିନୋଟି ପୁତ୍ର ସନ୍ତାନ ଜନ୍ମ ନେଲେ। ଦୁଲା ପେନ୍, ଠାକୁର ପେନ୍, ବୁଢା ପେନ୍ ( ପେନ୍ ର ଅର୍ଥ ଦେବତା ଗୋଣ୍ଡି ଭାଷା ରେ ଦେବତା) ଏହିପରି ସେମାନଙ୍କ ନାମକରଣ କରି ଏବଂ ସୃଷ୍ଟି ର ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ଆଦିମାତାଙ୍କ ବୁଝାଇ ଦେଇ ଆଦିଦେବ ପୁନଃ ଧ୍ୟାନମଗ୍ନ ହୋଇଗଲେ । ଆଦି ଦେବଙ୍କ ଧ୍ୟାନମଗ୍ନ ଦେଖି ଆଦିମାତା ଚିନ୍ତାରେ ପଡିଲେ । ତାଙ୍କ ଅନୁପସ୍ଥିତିରେ କନ୍ୟା ସନ୍ତାନ ଜନ୍ମ ହେବେ କେମିତି ଓ କନ୍ୟା ସନ୍ତାନ ବିନା ସୃଷ୍ଟି ସମ୍ଭବ କେମିତି ହେବ । ଅନୋନ୍ୟପାୟ ହୋଇ ଆଦିମାତା ବୁଢା ପେନ୍‌ଙ୍କୁ ସମ୍ମତି କରାଇ ତାଙ୍କ ସହ ସମ୍ପର୍କ ସ୍ଥାପନ କଲେ । ଫଳରେ ଆଦିମାତାଙ୍କ ଗର୍ଭରୁ ଏକ କନ୍ୟା ସନ୍ତାନ ଜନ୍ମ ନେଲେ । ପରବର୍ତ୍ତୀ କାଳରେ ଏହି କନ୍ୟାଙ୍କ ଗର୍ଭରୁ ଓ ବୁଢା ପେନ୍‌ଙ୍କ ଔରଷରୁ ୩୨ ଜଣ ସନ୍ତାନ ଜନ୍ମ ନେଲେ ଓ ସେମାନେ ଗୋଣ୍ଡୱାନା ଭୂମିରେ ବସବାସ କରିବାରୁ ସେମାନଙ୍କୁ ଗୋଣ୍ଡ ବା ଗଣ୍ଡ ବୋଲି କୁହାଯାଏ।" (୨)

## ଗଣ୍ଡର ଯେ ଭୂଇଁ, ପଠାଣର ଯେ ରାଏଜ

ଭାରତରେ ମୋଗଲ ଶାସନ କାଳରେ ମୋଗଲ ଶାସକମାନେ ଗଣ୍ଡ ମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକକୁ ଆକ୍ରମଣ କରୁଥିଲେ ଓ ଅତ୍ୟାଚାର କରୁଥିଲେ । ମୋଗଲମାନଙ୍କ ଏହି ଆକ୍ରମଣ ଓ ଅତ୍ୟାଚାରରୁ ରକ୍ଷା ପାଇବାପାଇଁ ଗଣ୍ଡମାନେ ବିଭିନ୍ନ ଗ୍ରାମର ଶେଷ ମୁଣ୍ଡରେ ଗ୍ରାମ୍ୟ ଦେବୀଙ୍କ ନିକଟରେ ଘୁଷୁରୀ ବଳି ଦେଉଥିଲେ । କାରଣ ଘୁଷୁରୀକୁ ପଠାଣମାନେ ଘୃଣା କରନ୍ତି । ତେଣୁ ଯେଉଁ ଗ୍ରାମରେ ଘୁଷୁରୀ ବଳି ଦେଉଥିଲେ ସେ ଗ୍ରାମକୁ କୌଣସି ମୋଗଲ ସୈନ୍ୟ ପ୍ରବେଶ କରୁନଥିଲେ। ଫଳରେ ସେମାନେ ସୁରକ୍ଷିତ ଜୀବନ ଯାପନ କରୁଥିଲେ । କିନ୍ତୁ ଗଣ୍ଡମାନଙ୍କର ଏହିପରି କାର୍ଯ୍ୟକଳାପକୁ ସହ୍ୟ କରି ପାରିଲେ ନାହିଁ ଏବଂ ଗଣ୍ଡ ମାନଙ୍କଠାରୁ ରାଜ୍ୟ ହଡ଼ପ ବା ଲୁଣ୍ଠନ କରିବା ନିମିତ୍ତ ଏକ ଉପାୟ ପାଞ୍ଚିଲେ । ଜଣେ ବିଚକ୍ଷଣ କୁଟିଳ ପଠାଣ କଳେ ବଳେ କୌଶଳେ ରାଜାଙ୍କୁ ପ୍ରସନ୍ନ କଲେ । ରାଜା ତାଙ୍କ କାଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇ ବର ମାଗିବାକୁ କହିଲେ ଏହାର ସୁଯୋଗ

ନେଇ ଉକ୍ତ ପଠାଣ ଛଳନା କରି ଭୂମି ମାଗିଲେ । ରାଜା ତାଙ୍କ ଛଳନା ବୁଝି ନପାରି ଭୂମି ଦାନକଲେ । ପଠାଣ ରାଜଙ୍କଠାରୁ ଭୂମି ଗ୍ରହଣ କରିବା ପୂର୍ବରୁ ସତ୍ୟ କରାଇଲେ । ରାଜା ମଧ୍ୟ ସତ୍ୟ କଲେ । ପରେ ପଠାଣ ତାଙ୍କ ରହସ୍ୟ ଉଦ୍ଘାଟନ କଲେ ଏବଂ ଗଣ୍ଡ ରାଜାଙ୍କଠାରୁ ରାଜ୍ୟ ନେଇଗଲେ । ସତ୍ୟ ରକ୍ଷା କରି ରାଜା ତାଙ୍କ ରାଜ୍ୟ ତ୍ୟାଗକଲେ । ରାଜାଙ୍କଠାରୁ କୌଶଳ କ୍ରମେ ପଠାଣ ରାଜ୍ୟ ନେଇଗଲେ ସତ କିନ୍ତୁ ରାଜ୍ୟ ଶାସନ କରିବାରେ କ୍ଷମ ହେଲେନାହିଁ । ତେଣୁ ପଠାଣ ରାଜା ରାଜ୍ୟ ଶାସନ କାର୍ଯ୍ୟ ନିଜ ହାତରେ ରଖିଲେ ଏବଂ ଭୂମି ବା ମାଟିକୁ ଗଣ୍ଡମାନଙ୍କ ହାତକୁ ଦେଲେ। ସେହି ଦିନଠାରୁ ଗଣ୍ଡମାନେ ପ୍ରତ୍ୟକ ଗ୍ରାମର ଗ୍ରାମ୍ୟ ମୁଖିଆ ହୋଇ ରହିଲେ । ଏହି ପରମ୍ପରା କ୍ରମେ ଆଜି ସୁଦ୍ଧା ଗଣ୍ଡମାନେ ଗ୍ରାମର ମୁଖିଆ, ଗୌନ୍ତିଆ ପଦ ପଦବୀରେ ଅଛନ୍ତି । ଏହି କଥାକୁ ପ୍ରକାଶ କରିବାପାଇଁ ଏହି ଲୋକ ଉକ୍ତି ପ୍ରଚଳିତ ଗଣ୍ଡର ଯେ ମାଏଟ୍ (ମାଟି) ପଠାଣର ଯେ ରାଏଜ୍ । ଅନ୍ୟ ପଟେ ସେହି ଦିନଠାରୁ ପଠାଣମାନେ ମଧ୍ୟ ଗଣ୍ଡମାନଙ୍କ ସମ୍ମାନର୍ଥେ କୌଣସି ଲୋକ ମୃତ୍ୟୁ ବରଣ କଲେ ସିଧାସଳଖ ମାଟିରେ ନପୋତି କାଠରେ ତିଆରି ଏକ ବାକ୍ସରେ ଭର୍ତ୍ତି କରି ପୋତନ୍ତି ।" (୩)

### ଗଣ୍ଡର ଭାଲା ଗାଁ ଗଲା, କନ୍ଧର ଫର୍ଶି କେ କର୍ଶି

ବଣ ଜଙ୍ଗଲରେ ବାସ କରୁଥିବା ଆଦିବାସୀ ଆତ୍ମ ରକ୍ଷା, ଶିକାର ନିମନ୍ତେ ବିଭିନ୍ନ ଅସ୍ତ୍ର ଶସ୍ତ୍ର ବ୍ୟବହାର କରନ୍ତି। ପ୍ରାଚୀନ କାଳରେ ଗଣ୍ଡ ଜାତି ବ୍ୟବହାର କରୁଥିବା ଅସ୍ତ୍ରକୁ 'ଭାଲା' କୁହାଯାଉଥିଲା ଏବଂ କନ୍ଧ ମାନେ 'ଫର୍ଶୀ ' ବ୍ୟବହାର କରୁଥିଲେ । ଏହି ଅସ୍ତ୍ର ଦ୍ୱାରା ସେମାନେ ଆକ୍ରମଣ, ଆତ୍ମ ରକ୍ଷା, ଶିକାର ଆଦି କାର୍ଯ୍ୟ କରୁଥିଲେ । ଇଂରେଜ ମାନେ ଆସିବା ପରେ ଏହି ଅସ୍ତ୍ରଗୁଡ଼ିକର ବ୍ୟବହାର ନିଷିଦ୍ଧ କରିଦେଲେ । ଏହାର ସୁଯୋଗ ନେଇ କନ୍ଧ ଜନଜାତିର ଲୋକେ ତାଙ୍କ ପାରମ୍ପରିକ ଅସ୍ତ୍ର ଫର୍ଷି ଦେଖାଇ ଗଣ୍ଡ ମାନଙ୍କୁ ଉପହାସ କରନ୍ତି । କିନ୍ତୁ ସେମାନଙ୍କ ସହ ଲଢ଼ିବା ପାଇଁ ସାହସ କରନ୍ତି ନାହିଁ । ଏହି ପ୍ରସଙ୍ଗକୁ ପ୍ରକାଶ କରିବା ନିମିତ୍ତ ଉପରୋକ୍ତ ଲୋକ ବାଣୀଟି ପ୍ରଚଳିତ ।" (୪)

### ଗୋଣ୍ଡୁକି ପୁରାଣ ଅନୁସାରେ

ଗୋଣ୍ଡୁକି ପୁରାଣର ପ୍ରଥମ ଅଧ୍ୟାୟରେ ଗଣ୍ଡ ଜାତିର ଉତ୍ପତ୍ତି ସମ୍ପର୍କ ବର୍ଣ୍ଣିତ ଅଛି ସ୍ୱୟଂ ନିରାକାର ପରମ ଶକ୍ତି ବୁଢା ଦେଓ ଜଳ ମଗ୍ନ ଥିବା ଏହି ପୃଥିବୀରେ ମାଟି କିପରି ମାଟି ତିଆରି କରି ମଣିଷ ସୃଷ୍ଟି କରିବାପାଇଁ ମନସ୍ଥ କଲେ ଏବଂ ତ୍ରିଦେବଙ୍କୁ ମାଟି ସୃଷ୍ଟି କରିବାପାଇଁ ଆଦେଶ ଦେଲେ । ତ୍ରିଦେବ କିପରି ଅକାତ ପାଣି ଭିତରେ ମାଟି ସୃଷ୍ଟି କରିବେ ସେ ସମ୍ପର୍କରେ ମନ୍ତ୍ରଣା କଲେ । ବ୍ରହ୍ମା ସୃଷ୍ଟି ସର୍ଜନାପାଇଁ ସହପତି ପ୍ରକାଶ କଲେ କିନ୍ତୁ ପୃଥିବୀ ଜଳ ମଗ୍ନ ଥିବାରୁ ସେ ନିରୁପାୟ ହୋଇଗଲେ । ଶିବ ଲକ୍ଷେ ସୂର୍ଯ୍ୟ ସୃଷ୍ଟି କରି ଜଳ ଶୁଷ୍କପାଇଁ ଆଦେଶ ଦେଲେ ସେହି ଜଳ ମଧ୍ୟରୁ ଦୁଇ ଜଣ ଅସୁର ବାହାରିଲେ। ବ୍ରହ୍ମା ଓ ଶିବ ସେହି ଅସୁର ଦ୍ୱୟକୁ ନିପାତ କରି ଜଳ ମଧ୍ୟକୁ ମେଲି ଦେଲେ । ଏହି ଅସୁର ଦ୍ୱୟରୁ ମାଟି ସୃଷ୍ଟି ହେଲା । ଅସୁର ଦେହରୁ ସୃଷ୍ଟ ମେଦିନୀ ଟଳ ମଳ ହେବାରୁ ପରମ ପିତା ବ୍ରହ୍ମା ନିଜ ଅଙ୍ଗରୁ ଆଠଟି ଲୋମ ଉପାଡ଼ି ଆଠ ଦିଗରେ ପୋତି ଦେଲେ । ଫଳରେ ମେଦିନୀ ଆଉ ଟଳ ମଳ ହେଲାନାହିଁ । ତାପରେ ବ୍ରହ୍ମା ଜୀବ ଜଗତ, ପାହାଡ଼ ପର୍ବତ, ନଦ ନଦୀ , ଗ୍ରହ ତାର ସର୍ଜନା କଲେ । ପରେ ସିଂହଳ ଦ୍ୱୀପରେ ସର୍ବ ଶକ୍ତିମାନ ସର୍ବ ଈଶ୍ୱର ବିଷ୍ଣୁଙ୍କ ଅଙ୍ଗରୁ ଯୋଗେନ୍ଦ୍ର ନାମକ ଏକ ପୁତ୍ର ଜାତ ହେଲା । ସେ ଚାହିବା ମାତ୍ରକେ ଚୌହାନ ଜନ୍ମ ନେଲେ, ବକ୍ଷ ଦେଶରୁ ବାଗେଲ ଓ ଚକ୍ଷୁରୁ ଚନ୍ଦେଲ ଜନ୍ମ ନେଲେ । ତ୍ରେତୟା ଯୁଗରେ ପର୍ଶୁରାମ ଏହି କ୍ଷତ୍ରିୟମାନଙ୍କୁ ଏକୋଇଶି ବାର ଧରା ଶୂନ୍ୟ କରିଥିଲେ। ଦ୍ୱାପର ଯୁଗରେ ଯୁଗରେ ଏହିମାନେ କାଦମ୍ବରୀ ରସ ପାନକରି ନାଶ ଗଲେ। ବ୍ରହ୍ମା ଏମାନଙ୍କୁ କଲି ଯୁଗରେ ଗଣ୍ଡ ନାମରେ ଜନ୍ମ ନେବାକୁ ଅଭିଶାପ ଦେଲେ । ସେହି ଅଭିଶାପ ଅନୁସାରେ କଲି ଯୁଗରେ କ୍ଷତ୍ରିୟ ବୀରମାନେ ଗଣ୍ଡ ନାମରେ ପରିଚିତ ହେଲେ ।

ଏହି ସଚରାଚର ପୃଥିବି ସୃଷ୍ଟି ହେଲାପରେ, ପୃଥିବୀ ପୃଷ୍ଠରେ କୌଣସି ମଣିଷ କି ଭଗବାନ ନଥିଲେ। ଦିନେ ବୁଢା ଦେଓ (ଗଣ୍ଡ ମାନଙ୍କ ଆରାଧ ଦେବତା) ପୃଥିବୀକୁ ବୁଲିବାପାଇଁ ଆସି କୌଣସି ସ୍ଥାନରେ ମଣିଷ ସନ୍ଧାନ ନପାଇ ଏବଂ ଚାରିଆଡେ ଶୂନ୍ୟ ଥିବାର ଦେଖି ନିରାଶ ହୋଇ ଗୁରିଘାଟ ପର୍ବତରେ ରହିବାପାଇଁ ସ୍ଥିର କଲେ । ସେହି ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ବଣୁଆ ଗାଈକୁ ଦେଖି ତାକୁ ନିଜ ପାଖକୁ ଆଣି ତାର ସେବା ଯତ୍ନ କଲେ । ଗାଈର କୌଣସି ବାଛୁରୀ ନଥାଇ ମଧ୍ୟ କ୍ଷୀର ଦେଉଥିଲା । ବୁଢା ଦେଓ ତାହା ଖାଇ ଜୀବନ ଅତିବାହିତ କରୁଥିଲେ । ଦିନେ ଜଙ୍ଗଲକୁ ଚରିଯାଇଥିବା ବେଳେ ଗାଈର ଖୁରାରେ ପଥର ବାଜି ଘା ହୋଇଗଲା । ବୁଢ଼ା ଦେଓ ଗାଈର ଖୁରାକୁ ପ୍ରତିଦିନ ସଫା କରି ଔଷଧ ଲାଗୁଥିଲେ । ଦିନେ ଗୋଡ଼ ଧାଉଥିବା ବେଳେ ଆଘାତ ପ୍ରାପ୍ତ ଡାହାଣ ଗୋଡ଼ରୁ ପୁଅ ଓ ବାମ ଗୋଡ଼ରୁ କନ୍ୟା ସନ୍ତାନ ଜନ୍ମ ନେଲେ । ବୁଢା ଦେଓ ଉଭୟ ପୁଅ ଝିଅଙ୍କୁ ସେହି ଗାଈ କ୍ଷୀର ଖାଇବାକୁ ଦେଲେ ଓ ସେବା ଯତ୍ନ କଲେ । ବଡ଼ ହେବା ପରେ ସେ ଦୁହେଁଙ୍କୁ ବିବାହ କଲେ ଏବଂ ସେମାନଙ୍କୁ କହିଲେ ତୁମେମାନେ ଆଜିଠୁ ମୋତେ ବୁଢାପେନ୍ ବା ବୁଢ଼ା ଦେଓ ନାମରେ ପୂଜା କରିବ ଏବଂ ଗାଈ ଗୋଡ଼ରୁ ଜାତ ହୋଇଥିବାରୁ ତୁମେ ଦୁହେଁ ଓ ତୁମ ସନ୍ତାନ ମାନେ ଗୋଣ୍ଡ ନାମରେ ପରିଚିତ ହେବେ । ଏହି ଗୋଣ୍ଡ ଶବ୍ଦଟି ସମୟ କ୍ରମେ ଲୋକ ମୁଖରେ ଗଣ୍ଡ ହୋଇଯାଇଛି ।

### ଉପସଂହାର

ପ୍ରତ୍ୟେକ ଜାତି ବା ସମ୍ପ୍ରଦାୟର କିଛି ନା କିଛି ଜନଶ୍ରୁତି ଅଛି । ଏହି ଜନଶ୍ରୁତିକୁ ଆଧାର କରି ହିଁ ସେମାନଙ୍କ ସାମାଜିକ ଜୀବନ ଗତିଶୀଳ ହୋଇଥାଏ । ଅତୀତ ଐତିହ୍ୟ ଓ ସାଂସ୍କୃତିକ ଜୀବନର ପରିଚୟ ଏହି ଜନଶ୍ରୁତି ଦ୍ୱାରା ହିଁ ପର ପିଢି ନିକଟକୁ ପ୍ରସାରିତ ହୋଇଥାଏ । ଯଥାର୍ଥରେ କହିବାକୁ ଗଲେ ପୂର୍ବ ପିଢି ଓ ପର ପିଢି ସହିତ ଜନଶ୍ରୁତି ଏକ ସେତୁ ତୁଲ୍ୟ କାର୍ଯ୍ୟ କରିଥାଏ । କିନ୍ତୁ ଆଧୁନିକ ଯୁଗରେ ଉଚ୍ଚ ଶିକ୍ଷା ଓ ପାଶ୍ଚାତ୍ୟର ସଂସ୍ପର୍ଶରେ ଆସି ମଣିଷ ଏସବୁକୁ ସେତେ ଗୁରୁତ୍ୱ ଦେଉନାହିଁ । ତେଣୁ ଆଜିର ଯୁବଗୋଷ୍ଠୀ

ଏସବୁ ପ୍ରତି ଦୃଷ୍ଟି ଦେବା ଉଚିତ୍ । ଯାହା ଫଳରେ ସହସ୍ର ସହସ୍ର ବର୍ଷର ପ୍ରାଚୀନ ଇତିହାସ ବଞ୍ଚି ରହିବ ।

### ପାଦଟୀକା

୧. କ୍ଷେତ୍ର ଅଧ୍ୟୟନ, ଦଶରଥ ବିଶି/ହୃଦାନନ୍ଦ ମାଝୀ, ଗ୍ରାମ- ସୀଙ୍ଗଝରୀ, ବ୍ଲକ ସିନାପାଲି, ଜିଲ୍ଲା-ନୂଆ ପଡ଼ା ।

୨. ବିଡ଼ିକା, ସାଇମନ, ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର, ପୃଷ୍ଠା-୩୧୦

୩. ମିଶ୍ର, ମହେନ୍ଦ୍ର, ଗୋଁଡ଼ ସଂସ୍କୃତି ଓ ଲୋକ ସାହିତ୍ୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର, ପୃଷ୍ଠା-୯୮

୪. ମିଶ୍ର, ମହେନ୍ଦ୍ର, ଗୋଁଡ଼ ସଂସ୍କୃତି ଓ ଲୋକ ସାହିତ୍ୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର, ପୃଷ୍ଠା- ୯୮ ଏବଂ କ୍ଷେତ୍ର ଅଧ୍ୟୟନ ।

୫. ଭୋଇ ଜଗଦୀଶ ଚନ୍ଦ୍ର - ପଶ୍ଚିମ ଓଡ଼ିଶାର ଗଣ୍ଡ ଜାତି: ଏକ ସାସ୍କୃତିକ ଅନୁଶୀଳନ।

୬. ବିଡିକା ସାଇମନ - ନବରଙ୍ଗପୁର ଆଦିବାସୀ ଲୋକ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା